ଧରିତ୍ରୀ
DHARITRI
ଶନିବାର, ୨ ଜୁଲାଇ, ୨୦୨୨



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ବାଇକ୍ ଚାଳକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୭:** ବ୍ରହ୍ମପୁର ସଦର ଥାନା ଆଙ୍କୁଶପୁର ନୃସିଂହମନ୍ଦିର ଛକରେ ଗୁରୁବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣା ହୋଇଥିଲା। ଏଥିରେ ଜଣେ ଯୁବକ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ତାଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଗଜପତି ଜିଲା ରାମଗିରି ଥାନା ଅନ୍ତର୍ଗତ ଅନଘା ଗ୍ରାମର ବାସୁଦେବ କାର୍ଜି(୨୭)। ସଦର ଥାନା ପୋଲିସ ଏମ୍‌କେସିଜି ମେଡିକାଲରେ ପହଞ୍ଚି ବାସୁଦେବଙ୍କ ମୃତଦେହ ଜବତ କରିଛି। ମୃତ ଯୁବକଙ୍କ ସମ୍ପର୍କୀୟ ଭାଇ ଦେବରଜ ପ୍ରଧାନଙ୍କ ଅଭିଯୋଗ କ୍ରମେ ନଂ.୨୮୬/୨୨ରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରୁଥିବା କହିଛି।

### ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ପୋଲସରା,୧୭(ଡି.ଏନ.ଏ.) ପୋଲସରା ଏନ୍‌ଏସି ସ୍ଥିତ ଏକ୍ସବୋର୍ଡ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହା ପୂର୍ବତନ ସଭାପତି ସନ୍ନ୍ୟାସୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସହପାଠୀ ଶିକ୍ଷକ ସୁଶାନ୍ତ କୁମାର ଡାକୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ବିଶେଷ ଆଲୋଚନା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପୂର୍ବ ନିଷ୍ପତ୍ତି ପ୍ରକାରେ ପୁନର୍ବାର ସଂଘ ସଭାପତି ଭାବେ ସନ୍ନ୍ୟାସୀ ସାହୁଙ୍କୁ ଚୟନ କରିବା ସହ ସମ୍ପାଦକ ଦିଲ୍ଲୀପ କୁମାର ସେଠୀ, ଉପସଭାପତି ତ୍ରିଲୋଚନ ପାତ୍ର ଓ ବିଷ୍ଣୁପ୍ରିୟା ପାତ୍ରଙ୍କୁ ମନୋନୀତ କରାଯାଇଛି। ସେହିପରି ଯୁଗ୍ମ ସମ୍ପାଦକ ଭାବେ କୁଳମଣି ସାହୁ ଓ ସ୍ୱର୍ଣ୍ଣଲତା ସାହୁ ଚୟନ କରାଯାଇଥିବା ବେଳେ କୋଷାଧକ୍ଷ ଭାବେ ସୁଶାନ୍ତ କୁମାର ଡାକୁଆ, ମିଡ଼ିଆ ସଂଯୋଜକ ବସନ୍ତ କୁମାର ମହାରଣା ଏବଂ ପୋଲସରା ବ୍ଲକ ସଂଯୋଜକ ଭାବେ ତୋଫାନ ସ୍ୱାଇଁକୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଏଥିସହ କୋର କମିଟିର ସଦସ୍ୟ ରୂପେ ୧୧ କ୍ଲଷ୍ଟରରୁ ୧୧ ଜଣଙ୍କୁ ମନୋନୀତ କରାଯାଇଛି।

# ଆଇଜର ନାଁରେ ନକଲି ଇ-ମେଲ ଆଇଡି

**ବ୍ରହ୍ମପୁର ଅଫିସ,୧୭**

- ଏକାଧିକଙ୍କୁ ଇଣ୍ଟରଭ୍ୟୁ ପାଇଁ ଅଫର ଲେଟର
- ଥାନାରେ ଅଭିଯୋଗ କଲେ ରେଜିଷ୍ଟ୍ରାର

ବ୍ରହ୍ମପୁର ସ୍ଥିତ ଆଇଜର ଶିକ୍ଷାନୁଷ୍ଠାନ ନାଁରେ ନକଲି ଇ-ମେଲ୍ ଆଇଡି ଖୋଲି ଏକାଧିକ ଯୁବକଙ୍କୁ ଚାକିରି ପାଇଁ ଅଫର ଲେଟର ଦିଆଯାଇଛି। ବେକାର ଯୁବକଙ୍କୁ ଠକିବା ଉଦ୍ଦେଶ୍ୟ ନେଇ ଅଭିଯୁକ୍ତମାନେ ଏଭଳି କରିଥିବା ବୈଦ୍ୟନାଥପୁର ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଆଇଜର ରେଜିଷ୍ଟ୍ରାର ବି.ଜେ. ଆଚାରୁଲୁ ଅଭିଯୋଗ କରିବା ପରେ ପୋଲିସ ନଂ. ୨୨୫/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା କହିଛି। ଥାନାରେ ଅଭିଯୋଗ ପ୍ରକାରେ, ଜୁନ୍ ୩ରେ ମଙ୍ଗଳ ନାୟକ ନାମକ ଜଣେ ଯୁବକ ଆଇଜରର ଲ୍ୟାଣ୍ଡଲାଇନ୍‌କୁ ଫୋନ କରି ଲ୍ୟାବ୍ ଟେକ୍ନିସିଆନ ଚାକିରି ପାଇଁ ଇଣ୍ଟରଭ୍ୟୁ କେଉଁଠି ହେଉଛି ବୋଲି ପଚାରିଥିଲେ। ସେ ଆଇଜର ପକ୍ଷରୁ ଏକ ଇ-ମେଲ୍ ପାଇଛନ୍ତି ଏବଂ ୩ ତାରିଖରେ ଇଣ୍ଟରଭ୍ୟୁ ଅଛି ବୋଲି ସୂଚନା ଦେଇଥିଲେ। ହେଲେ ଆଇଜର ପକ୍ଷରୁ ସେହିଦିନ ଏଭଳି କୌଣସି ଇଣ୍ଟରଭ୍ୟୁ ସ୍ଥିର ହୋଇ ନ ଥିଲା। ଏହି ଫୋନ କଲକୁ ଆଇଜର କର୍ତ୍ତୃପକ୍ଷ ଗୁରୁତର ସହ ନେଇ ସଂପୃକ୍ତ ଯୁବକଙ୍କୁ ମିଳିଥିବା ଇ-ମେଲ୍ ତାଙ୍କଠାରୁ ମାଗିଥିଲେ। ଆଉ ସେହି ଇ-ମେଲ୍‌କୁ ଯାଞ୍ଚ କରିବା ପରେ ଏହି ଶିକ୍ଷାନୁଷ୍ଠାନର ଜଣେ ଅଧିକାରୀଙ୍କ ନାଁରେ ଥିବା ଆଇଡିକୁ ନକଲ କରାଯିବା ସହ ସମ୍ପୃକ୍ତ ଅଧିକାରୀଙ୍କ ଲେଟର ପ୍ୟାଡ୍ ଓ ସିଲ୍ ଏବଂ ଦସ୍ତଖତ ମଧ୍ୟ ନକଲି ରହିଥିବା ଜଣାପଡ଼ିଥିଲା। ଅଭିଯୁକ୍ତ ଜଣଙ୍କ ସମ୍ପୃକ୍ତ ଯୁବକଙ୍କୁ ଠକେଇ ଉଦ୍ଦେଶ୍ୟରେ ଅଧିକାରୀଙ୍କ ନକଲି ଲେଟର ପ୍ୟାଡ୍ ଓ ଦସ୍ତଖତ ବ୍ୟବହାର କରି ଏହି ଇ-ମେଲ୍ ପଠାଇଥିବା ଜଣାପଡ଼ିଥିଲା। କେବଳ ଏତିକି ନୁହେଁ, ଜୁନ ୧୬ ଓ ୧୭ରେ ଦୁଇ ଜଣ ଯୁବକ ଅଜିତ କଲ୍ୟାଣୀ ଓ କେ. ଦିନେଶ ଆଇଜର କାର୍ଯ୍ୟାଳୟକୁ ଆସି ଅଫର ଲେଟର ଦେଖାଇବା ସହ ସେମାନେ ସେହିଦିନ ହିଁ କାର୍ଯ୍ୟରେ ଯୋଗଦେବାକୁ ଆସିଥିବା କହିଥିଲେ। ହେଲେ ଯାଞ୍ଚ ପରେ ସେମାନେ ପାଇଥିବା ଅଫର ଲେଟରଗୁଡ଼ିକ ନକଲି ବୋଲି ଜଣାପଡ଼ିଥିଲା। ତେଣୁ ଅଭିଯୁକ୍ତ ଜଣଙ୍କ ଏଭଳି ଅନେକ ଯୁବକଙ୍କୁ ନକଲି ଇ-ମେଲ୍ ଏବଂ ଅଫର ଲେଟର ଦେଇଥିବା ଆଇଜର କର୍ତ୍ତୃପକ୍ଷ ସନ୍ଦେହ କରିଥିଲେ। ସେହିକ୍ରମରେ ଆଇଜରର ରେଜିଷ୍ଟ୍ରାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଘରୋଇ ବସ୍ କର୍ମଚାରୀ ସଂଘ ବୈଠକ

**ବ୍ରହ୍ମପୁର ଅଫିସ,୧୭:** ଗଞ୍ଜାମ ଜିଲା ଘରୋଇ ବସ କର୍ମଚାରୀ ସଂଘ ବୈଠକ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ମହାମାରୀ କରୋନାରେ ଆକ୍ରାନ୍ତ ହୋଇଥିବା ସଂଘ ସଦସ୍ୟମାନଙ୍କୁ ସରକାର ଆର୍ଥିକ ସହାୟତା ଦେବାକୁ ଦାବି କରାଯାଇଛି। ବୈଠକରେ ଗୃହୀତ ଅନ୍ୟ ପ୍ରସ୍ତାବଗୁଡ଼ିକ ମଧ୍ୟରେ ଇପିଏଫ ପ୍ରଚଳନ, ଶ୍ରମ ଆଇନ ପ୍ରକାରେ ପଞ୍ଜୀକୃତ କରି ଲେବର କାର୍ଡ ପ୍ରଦାନ ଏବଂ ଘରୋଇ ବସ୍ କର୍ମଚାରୀଙ୍କୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ଦାବି ସମୂହ ମୁଖ୍ୟମନ୍ତ୍ରୀଙ୍କୁ ପଠାଯାଇଛି ଏବଂ ପୂରଣ ଲାଗି ନିବେଦନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସଭାପତି ବିପିନ ବିହାରୀ ଦାସ, ସମ୍ପାଦକ ୱାଇ.ରାମଚନ୍ଦ୍ରଙ୍କ ସମେତ ସମ୍ପାଦକ ସୁଦାମ କୁମାର ପାଢ଼ୀ, ଗୁନା ବେହେରାଙ୍କ ସମେତ ବିଦ୍ୟାଧର ପାଢ଼ୀ, ପ୍ରତାପ ନାୟକ ଓ ମସିଦ ଖାନ ପ୍ରମୁଖ ଉପସ୍ଥିତ ଥିଲେ।




## ଟିପିଏସ୍‌ଓଡିଏଲ ଓ ଇନୋଡଷ୍ଟ ଟେକ ସଲ୍ୟୁସନ ପ୍ରା.ଲି ମଧ୍ୟରେ ଏମ୍‌ଓୟୁ



ଏମଓୟୁ ସ୍ୱାକ୍ଷରିତ ସମୟରେ ଉପସ୍ଥିତ କର୍ମଚାରୀ।

**ବ୍ରହ୍ମପୁର ଅଫିସ,୧୭**

ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଯୌଥ ଉଦ୍ୟୋଗ ଟିପିସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏସ୍‌ଓଡିଏଲ୍) ଏହାର ବ୍ୟବସାୟ ସହଯୋଗୀ ଶ୍ରମ ଶକ୍ତିଙ୍କ ବୈଷୟିକ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ଇନୋଡଷ୍ଟ ଟେକ୍ ସଲ୍ୟୁଶନ ପ୍ରାଇଭେଟ ଲିମିଟେଡ ସହ ବୁଝାମଣାପତ୍ର(ଏମ୍‌ଓୟୁ) ଗୁରୁବାର ସ୍ୱାକ୍ଷରିତ ହୋଇଛି। ଇନୋଡଷ୍ଟ ହେଉଛି ଓଡ଼ିଶାରେ ଦକ୍ଷତା ବିକାଶ ତାଲିମ(କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପ୍ରାୟୋଜିତ), ଶିଳ୍ପ ତାଲିମ, ଗ୍ରୀଷ୍ମ ତାଲିମ, କର୍ମଶାଳା ଓ ଆର ଆଣ୍ଡ ଡି କାର୍ଯ୍ୟକଳାପରେ ଏକ ଅଗ୍ରଣୀ ସେବା ପ୍ରଦାନକାରୀ ସଂସ୍ଥା। ଉଡାନ ସ୍କିମ୍ ଅଧୀନରେ ଗ୍ରହଣ କରାଯାଇଥିବା ଏହି ଅଭିଯାନର ଲକ୍ଷ୍ୟ ହେଉଛି ଜାତୀୟ ଦକ୍ଷତା ବିକାଶ ନିଗମଙ୍କ ବିଦ୍ୟୁତ୍ କ୍ଷେତ୍ର ଦକ୍ଷତା ପରିଷଦର ପାଠ୍ୟଖସଡ଼ା ଅନୁସାରେ ଉଭୟ ଫର୍ମାଲ, ଥିଓରିଟିକାଲ ଓ ହାଣ୍ଡ-ଅନ୍ (ପ୍ରତ୍ୟକ୍ଷ) ତାଲିମ ପ୍ରଦାନ କରିବା।

ଏହି ବୈଷୟିକ ତାଲିମ କାର୍ଯ୍ୟକ୍ରମକୁ ବିଦ୍ୟୁତ୍ କ୍ଷେତ୍ର ଦକ୍ଷତା ପରିଷଦ (ପିଏସ୍‌ଏସ୍‌ସି) ଓ ଭାରତ ସରକାରଙ୍କ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ପାଇଁ ଜାତୀୟ ପରିଷଦ(ଏନ୍‌ସିଭିଇଟି) ପକ୍ଷରୁ ସାର୍ଟିଫାଏ କରାଯିବ। ଦୀର୍ଘ ସମୟ ଧରି କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କ ଦକ୍ଷତା ବଢାଇ ସେମାନଙ୍କ ନିଯୁକ୍ତି ହାସଲ କ୍ଷମତାରେ ଉନ୍ନତି ଆଣିବା ପାଇଁ ଟିପିଏସ୍‌ଓଡିଏଲ ପଦକ୍ଷେପର ଏହା ଏକ ଅଂଶ। ଯେଉଁମାନେ ସଂଗଠିତ ବ୍ୟବସ୍ଥିତ ବୈଷୟିକ ଶିକ୍ଷା ହାସଲ କରିବାର ସୁଯୋଗ ପାଇନାହାନ୍ତି ସେହି ବ୍ୟବସାୟୀ ସହଯୋଗୀଙ୍କୁ ଥିଓରିଟିକାଲ ଓ ପ୍ରାକ୍ଟିକାଲ ବୈଷୟିକ ତାଲିମ ଦେଇ ଗତି କରିବାକୁ ହେବ। ଏ ନେଇ ଟିପିଏସ୍‌ଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂ କହିଛନ୍ତି, ଗ୍ରାହକଙ୍କୁ ଭଲ ଭାବେ ସେବା ପ୍ରଦାନ କରିବା ସହ କମ୍ପାନୀ ସହ ଆଗକୁ ବଢିବା ପାଇଁ ନୂଆ ପିଢିର ବୈଷୟିକ ଆବଶ୍ୟକତା ରହିଛି। ଏଥିପାଇଁ ଟିପିଏସ୍‌ଓଡିଏଲ ପ୍ରତିଶ୍ରୁତିବଦ୍ଧ ରହିଛି ବୋଲି ସେ କହିଛନ୍ତି।

## ଡେମନଷ୍ଟ୍ରେଟରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବୁଗୁଡା,୧୭ (ଡି.ଏନ.ଏ.)**

ବୁଗୁଡା ପିପୁଲ୍ସ କଲେଜର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଅବସରପ୍ରାପ୍ତ ଡେମନଷ୍ଟ୍ରେଟର ଭଗବାନ ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉପଲକ୍ଷେ ଏକ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଡେମନଷ୍ଟ୍ରେଟର୍ ସ୍ୱାଇଁଙ୍କୁ ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବୁଗୁଡା କଲେଜରେ ଚାକିରି ଜୀବନ ଆରମ୍ଭ କରିବା ସହ ଦୀର୍ଘ ୩୭ ବର୍ଷ କାଳ ସେବା ଯୋଗାଇ ଅବସର ଗ୍ରହଣ କରିଥିବା ଭଗବାନ ଚାକିରି କାଳର ବିଭିନ୍ନ କଥା ବର୍ଣ୍ଣନା କଲାବେଳେ ଭାବବିହ୍ୱଳ ହୋଇପଡିଥିଲେ। ବିଭାଗୀୟ ମୁଖ୍ୟ ସୁଶାନ୍ତ କୁମାର ସାହୁଙ୍କ ସମେତ ସହକର୍ମୀମାନେ ସ୍ୱ ସ୍ୱ ବକ୍ତବ୍ୟରେ ସ୍ୱାଇଁଙ୍କ କର୍ତ୍ତବ୍ୟନିଷ୍ଠାର ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପିକା ସନ୍ଧାରାଣୀ ସାହୁ, କର୍ମଚାରୀ ସୁରଜ କୁମାର ଡାକୁଆ ଓ ଭଜରାମ ପାଢୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ର ଥିଲା ବେଳେ ଶେଷରେ ଅନ୍ୟତମ ଡେମନଷ୍ଟ୍ରେଟର ପ୍ରଦୀପ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।







## ଶ୍ରମ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି।

**ପାରଳାଖେମୁଣ୍ଡି,୧୭(ଡି.ଏନ୍.ଏ.)**

ଗଜପତି ଜିଲାର ସମସ୍ତ ୭ ବ୍ଲକରେ ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ୟୁଏନ୍‌ଏଫପିଏର ବ୍ଲକ ସଂଯୋଜିକା, କ୍ଲଷ୍ଟର ସଂଯୋଜିକା,ସ୍ୱେଚ୍ଛାସେବୀ ବିଭିନ୍ନ ଚାଇଲ୍ଡ ଲାଇନର କର୍ମକର୍ତ୍ତା ତଥା ଆକ୍ସନ ଏଡ୍‌ର ଜିଲା ଓ ବ୍ଲକ ସଂଯୋଜକଙ୍କୁ ନେଇ ଶ୍ରମ ବିଭାଗର ବିଭିନ୍ନ ଯୋଜନା ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଦିନିକିଆ କାର୍ଯ୍ୟକ୍ରମ ହୋଇଥିଲା। ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମର ନିଷ୍ପତ୍ତି ପ୍ରକାରେ ନିର୍ମାଣ ଶ୍ରମିକ ଯୋଜନାରେ ଥିବା ବିଭିନ୍ନ ଉପକାରିତା ସହ ଶିଶୁ ସୁରକ୍ଷା ଆବଶ୍ୟକ କରୁଥିବା ପରିବାରକୁ କିପରି ଯୋଡାଯିବ, ଉକ୍ତ ପରିବାର କିପରି ନିର୍ମାଣ ଶ୍ରମିକରେ ଥିବା ସମସ୍ତ ସୁବିଧା ସୁଯୋଗ ପାଇପାରିବେ ସେଥିପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅଧକ୍ଷ ଭାବେ ଯୋଗଦେଇଥିଲେ। ପ୍ରଥମେ ଆଶୀର୍ବାଦ ଯୋଜନା ଉପରେ ଆଲୋଚନା ହୋଇଥିଲା। ଜିଲାରେ ଯେପରି ପିତୃମାତୃ ହରାଇଥିବା କୌଣସି ଶିଶୁ ଆଶୀର୍ବାଦ ଯୋଜନାରୁ ବଞ୍ଚିତ ନ ହେବେ ସେଥିପାଇଁ ଧ୍ୟାନ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଜିଲା ଶ୍ରମ ବିଭାଗର ନିର୍ମାଣ ଶ୍ରମିକ ସଂଯୋଜକ ସୁଶାନ୍ତ ପଣ୍ଡା ଉପସ୍ଥିତ ରହି ଶ୍ରମ ବିଭାଗର ବିଭିନ୍ନ ଯୋଜନା ବିଷୟରେ ବୁଝାଇଲେ। ମାସକ ମଧ୍ୟରେ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ ପରିବାର କିପରି ନିର୍ମାଣ ଶ୍ରମିକ ଯୋଜନାରେ ଅନ୍ତର୍ଭୁକ୍ତ ହେବେ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି।

## ରେଷ୍ଟଶେଡ୍ ନିର୍ମାଣ କରିବ ଗ୍ରାସିମ୍ କମ୍ପାନୀ

**ଗଞ୍ଜାମ,୧୭(ଡି.ଏନ.ଏ.)**

ଗଞ୍ଜାମ ସହରରେ ଦୀର୍ଘ ବର୍ଷ ହେବ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇଆସୁଛି। ଏଥିପାଇଁ ବଡ଼ ବଜାରଠାରେ ୨୦୧୫ ଅଗଷ୍ଟ ୩୧ରେ ସ୍ୱାୟତ୍ତ ଶାସନ ଦିବସରେ ଏଥି ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା। କିନ୍ତୁ ଏଯାବତ ସେଠାରେ କାମ ଆରମ୍ଭ ହୋଇନାହିଁ। ଯାତ୍ରୀ ବିଶ୍ରାମାଗାର ନିର୍ମାଣ ସ୍ଥଳଟି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଜାଗା ହୋଇଥିବାରୁ ମାମଲା ଏବେ କୋର୍ଟରେ ଥିବା ଜଣାପଡିଛି। ଏନେଇ ଯୁବ ବିଜେଡି ସଭାପତି ସୁଧୀର କୁମାର ପାଢ଼ୀ ଓ ୧୦ ନଂ. ୱାର୍ଡ କାଉନସିଲର ଅରୁଣ କୁମାର ମହାନ୍ତି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ବିଳମ୍ବରେ ହେଲେ ମଧ୍ୟ ସ୍ଥାନୀୟ ଗ୍ରାସିମ କମ୍ପାନୀ ସହରର ଦୁଇଟି ସ୍ଥାନ ତଥା ୧୬ନଂ. ଜାତୀୟ ରାଜପଥ ଜୟଶ୍ରୀ ଛକ ଏବଂ ସାନ ବଜାରଠାରେ ବିଶ୍ରାମାଗାର ନିର୍ମାଣ କରିବ। ଏଥିପାଇଁ ଜାଗା ଚିହ୍ନଟ ହୋଇସାରିଛି ବୋଲି କମ୍ପାନୀ ଡିଜିଏମ୍ ରବୀନ୍ଦ୍ର କୁମାର ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶଯେ, ଯାତ୍ରୀ ବିଶ୍ରାମାଗାର ନ ଥିବା ଯୋଗୁ ଗଞ୍ଜାମ ବ୍ଲକ କିମ୍ବା ତହସିଲ ଅଫିସକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। କଲେଜ ଛାତ୍ରୀଛାତ୍ରମାନେ ମଧ୍ୟ ନିଜ ଗାଁକୁ ଫେରିବା ଲାଗି ଦୀର୍ଘ ସମୟ ପର୍ଯ୍ୟନ୍ତ ଖରାରେ ଠିଆ ହୋଇ ଗାଡିକୁ ଅପେକ୍ଷା କରିଥାନ୍ତି। ଆଉ କିଛି ବ୍ୟକ୍ତି ଚା’ କିମ୍ବା ପାନ ଦୋକାନରେ ଗାଡିକୁ ଅପେକ୍ଷା କରିଥାନ୍ତି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।










## ଶ୍ରମମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଆସିକା,୧୭(ଡି.ଏନ୍.ଏ.)**

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଆସିକା ବ୍ଲକ ବାଲିସିରାରେ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏମ୍‌ପି ପ୍ରମିଳା ବିଷୋୟୀ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ସୁବାସ ମହାରଣା, ଟି. ଗୋପୀ, ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ, ଉପାଧକ୍ଷା ରେଶମା ଦୋରା, ଏନ୍‌ଏସି ଅଧକ୍ଷା ବିନେତା ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଶିବ ନାହାକ, ଭଗବାନ ସାହୁ, ସତ୍ୟନାରାୟଣ ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, ଅନିମା ପରିଡା, ମନୋଜ ଦୋରାଙ୍କ ସମେତ ଜିଲ୍ଲାପରିଷଦ ସଦସ୍ୟ, ସରପଞ୍ଚ, ସମିତିସଭ୍ୟ ଓ ଦଳିୟ କର୍ମୀ ସାମିଲ ଥିଲେ। ଗଣମାଧ୍ୟମ ସହ ସାକ୍ଷାତକାରରେ ମନ୍ତ୍ରୀ ସାହୁ କହିଥିଲେ, ରାଜ୍ୟ ସରକାର ଶ୍ରମିକମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ବହୁ ପଦକ୍ଷେପ ନେଇଛନ୍ତି । ଏହାର ଶତ ପ୍ରତିଶତ କାର୍ଯ୍ୟକାରିତା ସହ ଗ୍ରାମାଞ୍ଚଳରେ ଅଧିକ ଶ୍ରମ କାର୍ଡ ଚିହ୍ନଟ କରିବା ଲାଗି ସେ ପଦକ୍ଷେପ ନେଉଥିବା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ରାଜ୍ୟରେ ୧୫୦ଟି ଶ୍ରମ କାର୍ଯ୍ୟାଳୟ ନିମନ୍ତେ ଅନୁମୋଦନ ଦେଇଛନ୍ତି। ଆଗାମି ଦିନରେ ରାଜ୍ୟର ୩୧୪ ବ୍ଲକରେ ଶ୍ରମ କାର୍ଯ୍ୟାଳୟ ଖୋଲି ଶ୍ରମିକମାନଙ୍କ ସମସ୍ୟାର ସମାଧାନ ଲାଗି ଯୋଜନା ଥିବା ପ୍ରକାଶ କରିଥିଲେ।



# ଭକ୍ତ ମେଳରେ ଭାବଗ୍ରାହୀ


ଗଞ୍ଜାମ


ହିଞ୍ଜିଳିକାଟୁ


ଖଲ୍ଲିକୋଟ


ପୁରୁଷୋତ୍ତମପୁର


ଆସିକା


ଗୋଷାଣୀନୂଆଗାଁ


କାଶୀନଗର


ପାରଳାଖେମୁଣ୍ଡି


କୋର୍ଟପେଟା


ଧରାକୋଟ


ଭଞ୍ଜନଗର


ଦାରିଙ୍ଗବାଡି


ବୁଗୁଡା

# ଥଇଥାନ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ

**ଆର୍.ଉଦୟଗିରି,୧୭(ଡି.ଏନ୍.ଏ.)**

ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ବୁଧବାର ଛେଳିଗଡ଼ ଜଳସେଚନ ପ୍ରକଳ୍ପ ୫ମ ଥଇଥାନ ଉପାନ୍ତ ଅଞ୍ଚଳ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପର ସ୍ଥିତି, ବିକାଶ, ବୁଡ଼ି ଅଞ୍ଚଳ ସମସ୍ୟା ସହ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। କମିଟି ସଭାପତି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଟି.ଆଓ ବୈଠକକୁ ଉଦ୍‌ଘାଟନ କରି କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଗଜପତି ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ଯୋଗଦେଇଥିଲେ। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଛେଳିଗଡ଼ ଜଳସେଚନ ପ୍ରକଳ୍ପ ଓ ପୁନର୍ବାସ କଲୋନୀର ସ୍ଥିତି,


ବୈଠକରେ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

ଅଗ୍ରଗତି, ବିସ୍ଥାପିତ ପରିବାରଙ୍କ ପାଇଁ ସରକାରୀ ସହାୟତା, ଜୀବିକା ନିର୍ବାହ ପାଇଁ ହୋଇଥିବା ଯୋଜନା ସମ୍ପର୍କରେ ଉପସ୍ଥାପନା କରିଥିଲେ। ବିଗତ ୪ର୍ଥ ବୈଠକରେ ହୋଇଥିବା ପ୍ରକ୍ରିୟା ଓ ତାହାର ଅନୁପାଳନ ସମ୍ପର୍କରେ ଛେଳିଗଡ଼ ମୁଖ୍ୟ କାର୍ଯ୍ୟ ପ୍ରଭାଗର ଅଧୀକ୍ଷଣ ଯନ୍ତ୍ରୀ ନଗେନ୍ଦ୍ର କୁମାର ମହାରଣା ଗୃହକୁ ଅବଗତ କରାଇଥିଲେ। ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ, ଜୀବିକା ନିର୍ବାହ ଯୋଜନା, ପୁନର୍ବାସ ଓ ଥଇଥାନ କଲୋନୀ ତଥା ପାର୍ଶ୍ୱ ଗ୍ରାମରେ ଅତିରିକ୍ତ ଭିତ୍ତିଭୂମିର ଆବଶ୍ୟକତା, ପଞ୍ଚାୟତିରାଜ ସଦସ୍ୟ/ଗ୍ରାମ୍ୟ କମିଟି ଦ୍ୱାରା ଉପାନ୍ତ ଅଞ୍ଚଳ ଉନ୍ନୟନ ପାଇଁ ନୂତନ ପ୍ରସ୍ତାବ ଆଦି ସମ୍ପର୍କରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଅନୁମୋଦନ କରାଯାଇଥିଲା।

ବୈଠକରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଟି.ଆଓ କୁଆଁପଡା ଗ୍ରାମର ପ୍ରକଳ୍ପ କ୍ଷତିଗ୍ରସ୍ତ ପରିବାରର ସଦସ୍ୟ ମୋନାଲିସା

## ଛେଳିଗଡ଼ ଜଳସେଚନ ପ୍ରକଳ୍ପ

ଗୌଡଙ୍କୁ ଜିଏନ୍‌ଏମ୍ ପାଠ ଚାଲୁ ରଖିବା ନିମନ୍ତେ ୧.୮୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପତ୍ର ପ୍ରଦାନ କରିଥିଲେ। ବୈଠକରେ ଜଳସମ୍ପଦ ବିଭାଗର ପୁନର୍ବାସ ଓ ଥଇଥାନ ନିର୍ଦ୍ଦେଶକ ଆଲୋକ କୁମାର କର, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଗଜପତି ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ, ଋଷିକୁଲ୍ୟା, ବଂଶଧାରା ଓ ନାଗାବଳି ଅବବାହିକା ମୁଖ୍ୟଯନ୍ତ୍ରୀ ଅଶ୍ୱିନୀ କୁମାର ମହାନ୍ତି, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅତିରିକ୍ତ ସଚିବ ରଞ୍ଜନ କୁମାର ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଠକ ଶେଷରେ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳମଣି ଯୁବକ ସଂଘ ପକ୍ଷରୁ ସେବା, ସେବକ ସପ୍ତାହ ପାଳିତ

**ବଲସକୁମ୍ପା, ୧୭**

ଖଜୁରିପଡ଼ା ବ୍ଲକ ଦୂତିମେଣ୍ଡି ଗ୍ରାମ ଉତ୍କଳମଣି ଯୁବକ ସଂଘ ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ପୁଣ୍ୟତିଥିରେ ସେବା ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଳିଆ ଆବର୍ଜନା ପୂର୍ଣ୍ଣ ରାସ୍ତା ଘାଟ, ଯାତ୍ରୀ ବିଶ୍ରାମାଗାର, ପଞ୍ଚାୟତ କାର୍ଯ୍ୟାଳୟ, ଦୋକାନ, ଡାକଘର ପରିସର ଆଦି ସ୍ଥାନ ସଫେଇ କରାଯାଇଥିଲା। ଅତିଥି ଭାବେ ଦୂତିପଡ଼ା ବହୁମୁଖି ସମବାୟ ସମିତି ମୁଖ୍ୟ ପରିଚାଳକ ପ୍ରଦୀପ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମହେଶ ପଟ୍ଟନାୟକ ଯୋଗେ ଦେଇଥିଲ। କାର୍ଯ୍ୟକ୍ରମରେ ଉତ୍କଳମଣି ଯୁବକ ସଂଘ ସଭାପତି ଦେବରାଜ ମୁଖି, ସମ୍ପାଦକ ସମୀର ପ୍ରସାଦ ଝାଙ୍କର, ସାଗର ପ୍ରସାଦ ସାହୁ, ଅଜୟ ବିଶୋଇ, ଆଶିଷ ମୁଖୀ, ଯୋଶୋବନ୍ତ ନାରାୟଣ ସାହୁ, ଗୋଲକ ବିହାରୀ ମଲ୍ଲିକ ଏବଂ ଯୁବକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦିଗପହଣ୍ଡିରେ ପହଣ୍ଡି ସରିଲା, ଆଜି ରଥଟଣା



**ଦିଗପହଣ୍ଡି,୧୭(ଡି.ଏନ.ଏ.)**

ଦିଗପହଣ୍ଡିରେ ପବିତ୍ର ଘୋଷ ଯାତ୍ରା ଅବସରରେ ଶୁକ୍ରବାର ଶ୍ରୀ ବଳଦେବ, ଶ୍ରୀ ଜଗନ୍ନାଥ ଓ ମା' ସୁଭଦ୍ରାଙ୍କ ପହଣ୍ଡି ବିଜେ ନୀତିକାନ୍ତି ସରିଥିଲା। ଗଞ୍ଜାମ ଜିଲାର ଗଡ଼ଜାତ ଅଞ୍ଚଳ ଭାବେ ବିବେଚିତ ଦିଗପହଣ୍ଡିରେ ପ୍ରଚଳିତ ପରମ୍ପରା ଅନୁସାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମେତ ସୁଦର୍ଶନଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ପୂର୍ବ ପ୍ରଚଳିତ ପରମ୍ପରା ଅନୁଯାୟୀ ଗୁଣ୍ଡିଚା ଯାତ୍ରାର ଦିନକ ପରେ ଶନିବାର ରଥ ଟଣା ଯିବ ବୋଲି ଶ୍ରୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରାଜା ପୁରୋହିତ ଦେବୀ ପ୍ରସାଦ ରଥ ସୂଚନା ଦେଇଛନ୍ତି। ଶୁକ୍ରବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଭୋର ପ୍ରାୟ ସାଢେ ୬ ଟାରେ ମଙ୍ଗଳ ଆଳତି କରାଯିବା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବେଶ ପକାଇ ପୂଜାର୍ଚ୍ଚନା ଭୋଗ ଲାଗି କରାଯାଇଥିଲା। ସକାଳେ ରଥ ଖଳାରେ ରଥ ପ୍ରତିଷ୍ଠା କରାଯିବା ପରେ ମନ୍ଦିରରେ ଅପରାହ୍ନରେ ମଙ୍ଗଳାର୍ପଣ ନୀତି କାନ୍ତି ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ପହଣ୍ଡି ଶେଷ ହୋଇଥିଲା। ସେହିପରି ଶ୍ରୀ ଦଧିବାମନ ଜଗନ୍ନାଥଙ୍କୁ ସନ୍ଧ୍ୟାରେ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଅପରପକ୍ଷରେ ଅପରାହ୍ନରେ ଦିଗପହଣ୍ଡି ଜନତା ଲେନ ସ୍ଥିତ ଶ୍ରୀ ପତିତ ପାବନ ଜଗନ୍ନାଥଙ୍କ ନୀତି କାନ୍ତି ପୂଜାର୍ଚ୍ଚନା ପରେ ରଥ ଟଣା ଯାଇଥିଲା। ସେହିପରି ଦିଗପହଣ୍ଡି ବ୍ଲକର ଭୀଷ୍ମଗିରି, ସିଦ୍ଧେଶ୍ୱର, ବମକେଇ, ବାସୁଦେବପୁର, ଗୋକର୍ଣ୍ଣପୁର, ଫାସିଗୁଡ଼ା, ପଦ୍ମନାଭପୁର, ଭ୍ରମରପୁର, ଜକମେରୀପଲ୍ଲୀ ଆଦ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିର ମାନଙ୍କରେ ଶୁକ୍ରବାର ରଥଯାତ୍ରା ଅନୁଷ୍ଠିତ ହେବା ସହ ରଥଟଣା କାର୍ଯ୍ୟ ସନ୍ଧ୍ୟା ସୁଦ୍ଧା ସମ୍ପନ୍ନ ହୋଇଛି।

# ଏସ୍‌ପିଙ୍କୁ ଭେଟିଲେ କୁଇ ସମାଜ, ପରିବାରବର୍ଗ

**ଫୁଲବାଣୀ ଅଫିସ, ୧୭**

ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସରକାରୀ ଆଇଟିଆଇ ପାଖ ଜଙ୍ଗଲରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣାକୁ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ବିତିଲାଣି । ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିଛି । ଏହା ଆତ୍ମହତ୍ୟା ନୁହେଁ, ଝିଅକୁ ବଳାତ୍କାର ପରେ ହତ୍ୟା କରି ଟାଙ୍ଗି ଦିଆଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରୁଛନ୍ତି। ହେଲେ ପୋଲିସ ତଦନ୍ତକୁ ଆଗକୁ ନେଉ ନ ଥିବାରୁ ଗୁରୁବାର ପରିବାର ଲୋକଙ୍କ ସମେତ କୁଇ ସମାଜ

## ନବମ ଶ୍ରେଣୀ ଛାତ୍ରୀଙ୍କୁ ହତ୍ୟା ଅଭିଯୋଗ ଘଟଣା

କର୍ମକର୍ତ୍ତା ଆସି ଏସ୍‌ପିଙ୍କୁ ଭେଟିଛନ୍ତି। ପୋଲିସ ଜାଣିଶୁଣି ଘଟଣାରେ ସାମିଲ ଥିବା ଯୁବକଙ୍କୁ ଗିରଫ କରୁନାହିଁ ବୋଲି ଅଭିଯୋଗ ହେଉଛି। ତେଣୁ ଏହି ଘଟଣାର ତଦନ୍ତ ଆଗକୁ ବଢ଼ାଇବା ଏବଂ ଦୋଷୀଙ୍କୁ ଗିରଫ କରିବାକୁ ଦାବି ହୋଇଛି। ମୃତଦେହର ଅବସ୍ଥା ଓ ସେଥିରେ ପୁରୁଷଙ୍କ ପୋଷାକ ପିନ୍ଧା ଯାଇଥିବା ଦେଖାଯାଇ ଥିବାରୁ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ଥିବା ପରିବାର ଲୋକେ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ଆଗକୁ ନ ବଢାଇ ଘଟଣାକୁ ଚାପିବାକୁ ଚେଷ୍ଟା କରୁଥିବା ମୃତ ନାବାଳିକାଙ୍କ ମା' ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ନାବାଳିକା ଜଣକ ଏକ ହାଇସ୍କୁଲରେ ରହି ନବମ ଶ୍ରେଣୀରେ ପଢୁଥିଲେ। ସ୍କୁଲ ଛୁଟି ହେବାରୁ ସେ ତାଙ୍କ ମା'ଙ୍କ ସାଙ୍ଗରେ ଘରକୁ ଆସିଥିଲେ । ଘରେ କିଛି ଦିନ ରହିବା ପରେ ସେ ଜଣେ ସାଙ୍ଗଙ୍କ ଘରକୁ ଯାଇ ଫେରି ନ ଥିଲେ। ଦୁଇଦିନ ପରେ ଆଇଟିଆଇ ନିକଟସ୍ଥ ଏକ ଆମ୍ବ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା ।

# ପରିତ୍ୟକ୍ତ ଘରୁ ଶାଗୁଆନ କାଠ ଜବତ

**ଦିଗପହଣ୍ଡି,୧୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମର ଏକ ପରିତ୍ୟକ୍ତ ଘରୁ ଗୁରୁବାର ଦିଗପହଣ୍ଡି ବନବିଭାଗ ୨୦ ଘନଫୁଟ ଶାଗୁଆନ କାଠ ଜବତ କରିଛି। ନୂଆପଡ଼ା ବନ ବିଭାଗ ସେକ୍ସନ ଅଧିନ ଉକ୍ତ ଗ୍ରାମର ଏକ ଘରେ ଶାଗୁଆନ କାଠ ଚୋରା ଚାଲାଣ ପାଇଁ ଥିବା ନେଇ ଦିଗପହଣ୍ଡି ବନବିଭାଗକୁ ସୂଚନା ମିଳିଥିଲା। ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ବନ କର୍ମଚାରୀମାନେ କାଠ ଜବତ କରିଥିଲେ। ରେଞ୍ଜର କାହ୍ନୁଚରଣ ପଟ୍ଟନାୟକଙ୍କ ସମେତ ଅତିରିକ୍ତ ବନ ସଂରକ୍ଷକ ଅଶୋକ କୁମାର ବେହେରା, ଏ .ମାଧବୀଲତା, ବ୍ରହ୍ମପୁର ରେଞ୍ଜର ରଜତ କୁମାର ମିଶ୍ର, ରେଞ୍ଜର ମନୋଜ କୁମାର ପାତ୍ର, ବ୍ରହ୍ମପୁର ବନ ବିଭାଗ ଭ୍ରାମ୍ୟମାଣ ସ୍କ୍ୱାର୍ଡ ସମେତ ଦିଗପହଣ୍ଡି ବନବିଭାଗ କର୍ମଚାରୀମାନେ ଏହି ଚଢାଉ ଧରପଗଡରେ ସାମିଲ ଥିଲେ।

# ଉପଜିଲାପାଳଙ୍କୁ ଭାଜପାର ଦାବିପତ୍ର

**ଭଞ୍ଜନଗର,୧୭(ଡି.ଏନ.ଏ.)**

ଭଞ୍ଜନଗର ତହସିଲ ଅନ୍ତର୍ଗତ ବାହାଡ଼ାପଦର ରାଜସ୍ୱ ସର୍କଲ ଯୋଗୀମାରି ଗ୍ରାମର ଲୋହରାଖଣ୍ଡି ନଦୀ ପଠାରୁ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଛି। ଏନେଇ ପୂର୍ବରୁ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେଣୁ ଗୁରୁବାର ସ୍ଥାନୀୟ ସରପଞ୍ଚ ଲକ୍ଷଣ ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀ ଓ ଭାଜପା ପ୍ରତିନିଧି ଦଳ ଭଞ୍ଜନଗର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନଦୀରୁ ବାଲି ଚୋରାଚାଲାଣ ହେବା ଦ୍ୱାରା ବନ୍ୟା,ବାତ୍ୟା ଆସିଲେ ଗ୍ରାମ ପ୍ରତି ବିପଦ ରହୁଛି। ତେଣୁ


ବିଡିଓଙ୍କ ସହ ଭାଜପା ନେତା ଦାବିପତ୍ର ଦେବା ପରେ ଆଲୋଚନା କରୁଛନ୍ତି।

ଏହାକୁ ବନ୍ଦ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏଥିସହିତ ବ୍ଲକର ୧୦ ସରପଞ୍ଚ ଏବଂ ଭାଜପା ପ୍ରତିନିଧି ଦଳ ବ୍ଲକରେ ବିଡ଼ିଓଙ୍କୁ ଭେଟି ପଞ୍ଚାୟତ କାର୍ଯ୍ୟରେ ଅଧିକାରୀ ମାନେ ସହଯୋଗ କରୁନଥିବା ଅଭିଯୋଗ ଆଣିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ଭାଜପା ସମର୍ଥିତ ସରପଞ୍ଚଙ୍କୁ ପଞ୍ଚାୟତ ଉନ୍ନତି କାର୍ଯ୍ୟରେ ସହଯୋଗ କରାଯାଉନାହିଁ ବୋଲି ସରପଞ୍ଚ ମାନେ ଜଣାଇଛନ୍ତି। ଭାଜପା ନେତା ପ୍ରଦ୍ୟୁମ୍ନ କୁମାର ନାୟକ,ଯୁବ ନେତା ଅଯୋଧ୍ୟା ନାଥ ମହାପାତ୍ର, ନୀଳ ମାଧବ ପାତ୍ର ସମେତ ବହୁ ସରପଞ୍ଚ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

